# ଉଚ୍ଚ ଶିକ୍ଷାନୁଷ୍ଠାନଗୁଡିକରେ ରାଗିଂ ଘଟଣା ମୂଳପୋଛ କରିବା ପାଇଁ ୟୁଜିସି ନିୟମାବଳିର ସାରାଂଶ, 2009

1. **ପ୍ରାକ୍ କଥନ**: 8/05/2009 ର ମାନନୀୟ ସୁପ୍ରିମକୋର୍ଟଙ୍କର ନିର୍ଦ୍ଦେଶାବଳିକୁ ଦୃଷ୍ଟିରେ ରଖି ଏବଂ କେନ୍ଦ୍ର ସରକାରଙ୍କ ଦୃଷ୍ଟାନ୍ତକୁ ବିଚାରକୁ ନେଇ ଏବଂ ୟୁନିଭର୍ସିଟି ଗ୍ରାଣ୍ଟ କମିଶନ ରାଗିଂ ଘଟଣାର ପ୍ରତିବିଧାନ ପ୍ରତିହତ ଏବଂ ମୂଳୋତ୍ପାଟନ ପାଇଁ ।

2. **ଆଭିମୁଖ୍ୟ**: ବିଶ୍ୱବିଦ୍ୟାଳୟ ଡିମ୍ଡ୍ ବିଶ୍ୱବିଦ୍ୟାଳୟ ଏବଂ ଆମ ଦେଶର ଅନ୍ୟାନ୍ୟ ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡିକରେ ସମସ୍ତ ପ୍ରକାରର ରାଗିଂ ଦୂର କରିବା ପାଇଁ ଏହି ନିୟମ ଅଧିନରେ ନିଷେଧ କରିବା ପାଇଁ, ଘଟଣା ପ୍ରତିହତ କରିବା ପାଇଁ ଏବଂ ଯେଉଁମାନେ ରାଗିଂରେ ଜଡିତ ଅଛନ୍ତି ସେମାନଙ୍କୁ ଏହି ନିୟମାବଳି ଏବଂ ବଳବତ୍ତର ରହିଥିବା ଉପଯୁକ୍ତ ନିୟମ ଅନୁଯାୟୀ ଦଣ୍ଡ ଦେବା ପାଇଁ।

3. **ରାଗିଂର ମୁଖ୍ୟ କାରଣଗୁଡିକ କଣ:** ରାଗିଂ କହିଲେ ନିମ୍ନଲିଖିତ ଏକ ବା ଅଧିକ କାର୍ଯ୍ୟକୁ ବୁଝାଏ:
   a) ଛାତ୍ର ବା ଛାତ୍ରମାନଙ୍କ ଦ୍ୱାରା କୌଣସି ପ୍ରକାରର ଆଚରଣ ଏହା କଥିତ ହେଉ, ଲିଖିତ ହେଉ କିମ୍ବା କୌଣସି ପ୍ରକାରର ହରକତ କରିବାର, ବ୍ୟବହାର କରିବାର କିମ୍ବା ଅନ୍ୟାନ୍ୟ କାର୍ଯ୍ୟ, ଯାହା କି ନବୀନ ଛାତ୍ରଛାତ୍ରୀ କିମ୍ବା ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କ ମଧ୍ୟରେ ରୁକ୍ଷତାର ସହ ଆଚରଣ କରିବା, ଚିଡାଇବା ପରି ପ୍ରଭାବ ସୃଷ୍ଟି କରେ |
   b) କୌଣସି ପ୍ରକାରର ହିଂସାତ୍ମକ ବା ବିଶୃଙ୍ଖଳିତ କାର୍ଯ୍ୟକଳାପରେ କୌଣସି ଛାତ୍ର କିମ୍ବା ଛାତ୍ରଛାତ୍ରୀ ଲିପ୍ତ ରହିବା ଯାହାକି କୌଣସି ନବୀନ କିମ୍ବା ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶଙ୍କା ବା ଆଶଙ୍କାର ପୂର୍ବାନୁମାନ, ଶାରୀରିକ କିମ୍ବା ମାନସିକ କ୍ଷତି, କଷ୍ଟ କିମ୍ବା କ୍ରୋଧ ସୃଷ୍ଟି କରେ ବା କରିବାର କାରଣ ହୋଇପାରେ ।
   c) କୌଣସି ଛାତ୍ରଙ୍କୁ ଏପରି କିଛି କାର୍ଯ୍ୟ କରିବା ପାଇଁ କହିବା, ଯାହାକି ସେହି ଛାତ୍ର ସାଧାରଣତଃ କରିନଥାନ୍ତି, ଯାହାଫଳରେ ଲଜ୍ୟା କିମ୍ବା ଅତ୍ୟାଚାର କିମ୍ବା ଲଜ୍ଜିତ ହେବା ପରି ଅନୁଭବ ସୃଷ୍ଟି ହୋଇପାରେ। ଯାହା ଫଳରେ ସେହି ନବୀନ କିମ୍ବା ଅନ୍ୟ କୌଣସି ଛାତ୍ରଛାତ୍ରୀ ଶରୀରରେ କିମ୍ବା ମନରେ ପ୍ରତିକୂଳ ପ୍ରଭାବ ଦେଖାଦେଇପାରେ ।

d) କୌଣସି ଉପର ଶ୍ରେଣୀର ଛାତ୍ରଛାତ୍ରୀ ବା ବରିଷ୍ଠ ଛାତ୍ରଛାତ୍ରୀ ଯେ କି ଅନ୍ୟ କୌଣସି ଛାତ୍ରଛାତ୍ରୀ କିମ୍ବା ଜଣେ ନବୀନ  ଛାତ୍ରଙ୍କର ନିୟମିତ ଶିକ୍ଷାଗତ କାର୍ଯ୍ୟକଳାପରେ ବିଶୃଙ୍ଖଳା ସୃଷ୍ଟି କରନ୍ତି, କିମ୍ବା ବାଧା ଦିଅନ୍ତି କିମ୍ବା ସେଥିରୁ ପ୍ରତିହତ କରନ୍ତି।

e) ନବୀନ କିମ୍ବା ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କୁ କୌଣସି ବ୍ୟକ୍ତି କିମ୍ବା ଛାତ୍ର ଗୋଷ୍ଠୀକୁ ଦିଆଯାଇଥିବା ଶିକ୍ଷାଗତ କାର୍ଯ୍ୟକଳାପ ସଂପୂର୍ଣ୍ଣ କରିବା ପାଇଁ କୌଣସି ନୂତନ କିମ୍ବା ଅନ୍ୟ ଛାତ୍ରଙ୍କୁ କାର୍ଯ୍ୟ କରାଇ ଶୋଷଣ କରିବା ।

f) ଛାତ୍ରଛାତ୍ରୀଙ୍କ ଦ୍ୱାରା କୌଣସି ନୂତନ କିମ୍ବା ଅନ୍ୟ ଛାତ୍ରଛାତ୍ରୀଙ୍କ ଉପରେ କୌଣସି ପ୍ରକାର ଆର୍ଥିକ ଅତ୍ୟାଚାର କିମ୍ବା ବଳପୂର୍ବକ ଆର୍ଥିକ ବୋଝ ଲଦି ଦେବା ।

g) କୌଣସି ପ୍ରକାରର ଶାରୀରିକ ଅତ୍ୟାଚାର ସହିତ ସମସ୍ତ ପ୍ରକାରର ଅସଦ୍ ବ୍ୟବହାର : ଯୌନ ଅତ୍ୟାଚାର, ସମଲିଙ୍ଗୀ, ଅପମାନ, ଷ୍ଟ୍ରିପିଙ୍ଗ୍ ବା ନଗ୍ନ କରିବା, ବଳପୂର୍ବକ ଅସମ୍ମାନ କରିବା, ଅସଦାଚରଣ, ଭଂଗୀ, ଶାରୀରିକ କ୍ଷତି କରିବା କିମ୍ବା ଅନ୍ୟ କୌଣସି ପ୍ରକାରର ସ୍ୱାସ୍ଥ୍ୟ ପ୍ରତି ବିପଦ କିମ୍ବା ବ୍ୟକ୍ତିଙ୍କ ପ୍ରତି ବିପଦ:

h) ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ନବୀନ ବା ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କୁ କଥା କହିବା ଦ୍ୱାରା ଅନ୍ୟ କୌଣସି ପ୍ରକାରର କଥିତ ଶବ୍ଦ କିମ୍ବା କାର୍ଯ୍ୟ, ଇ-ମେଲ୍, ଡାକ, ସାଧାରଣରେ ଅପମାନିତ କରିବା ଦ୍ୱାରା ଯାହାକି ଅନ୍ତର୍ଭୁକ୍ତ କୁକର୍ମରୁ ଆନନ୍ଦ ପାଇବା, ମାନସିକ ବିକାର କାରଣରୁ ପରୋକ୍ଷ ଉପଲବ୍ଧି କିମ୍ବା ଅନ୍ୟକୁ ଦୁଃଖ ଦେଇ ଆନନ୍ଦ ପାଇବା

i) କୌଣସି ପ୍ରକାରର କାର୍ଯ୍ୟକଳାପ ଯାହାକି ନବୀନ ତଥା ଅନ୍ୟ କୌଣସି ଛାତ୍ରଛାତ୍ରୀଙ୍କର ମାନସିକ ସ୍ୱାସ୍ଥ୍ୟ ଏବଂ ଆତ୍ମ-ବିଶ୍ୱାସକୁ ପ୍ରଭାବିତ କରେ, ଏହା ପରୋକ୍ଷ ଆନନ୍ଦ ଉପଲବ୍ଧି କିମ୍ବା ଶକ୍ତି ପ୍ରଦର୍ଶନ, କୌଣସି ଛାତ୍ରଛାତ୍ରୀଙ୍କ ଦ୍ୱାରା ଅନ୍ୟ କୌଣସି ନୀବନ କିମ୍ବା ଛାତ୍ରଛାତ୍ରୀ ଉପରେ କର୍ତ୍ତୃତ୍ୱ ବା ବରିଷ୍ଠତା ପ୍ରଦର୍ଶନ ଉଦ୍ଦେଶ୍ୟରେ ହୋଇଥାଉ ବା ନଥାଉ।

4. **ରାଗିଂ ପ୍ରତିହତ କରିବା ପାଇଁ ପଦକ୍ଷେପଗୁଡିକ:** ଆନୁଷ୍ଠାନିକ ସ୍ତରରେ, ବିଶ୍ୱବିଦ୍ୟାଳୟ ସ୍ତରରେ, ଜିଲ୍ଲା ସ୍ତରରେ ଇତ୍ୟାଦି ବହୁ ସଂଖ୍ୟକ ଏପରି ପଦକ୍ଷେପ ରହିଛି, ସେଗୁଡିକ ମଧ୍ୟରୁ ଯେଉଁ କେତେକ ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନିମ୍ନରେ ଦିଆଯାଇଛି:

- କୌଣସି ଅନୁଷ୍ଠାନ କୌଣସି ପ୍ରକାରର ରିପୋର୍ଟ କରାଯାଇଥିବା ରାଗିଂ ଘଟଣାକୁ ଅନୁମତି ଦେବ ନାହିଁ କିମ୍ବା ପ୍ରୋତ୍ସାହିତ କରିବ ନାହିଁ; ଏବଂ ସମସ୍ତ ଅନୁଷ୍ଠାନ, ଅନୁଷ୍ଠାନ ଭିତରେ ଏବଂ ବାହାରେ ରାଗିଂର

ମୂଳୋତ୍ପାଟନ ଆଭିମୁଖ୍ୟ ହାସଲ କରିବା ପାଇଁ ଏହି ନିୟମାବଳି ସହିତ ଆବଶ୍ୟକ ସମସ୍ତ ଯଥାର୍ଥ ପଦକ୍ଷେପ ଗ୍ରହଣ କରିବ।

- ସମସ୍ତ ଅନୁଷ୍ଠାନ ରାଗିଂରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏବଂ/କିମ୍ବା ରାଗିଂକୁ ନେଇ ବାଜି ଲଗାଉଥିବା, ପ୍ରତ୍ୟକ୍ଷ ଭାବରେ କିମ୍ବା ପରୋକ୍ଷ ଭାବରେ କିମ୍ବା ରାଗିଂକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ଷଡଯନ୍ତ୍ରର ଅଂଶ ହୋଇଥିବା ଦୋଷୀଙ୍କ ବିରୋଧରେ ଏହି ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ।
- ଅନୁଷ୍ଠାନ ଦ୍ୱାରା, କୌଣସି ବୈଦ୍ୟୁତିକ ମାଧ୍ୟମରେ, ଦୃଶ୍ୟଶ୍ରାବ୍ୟ ମାଧ୍ୟମରେ, କିମ୍ବା ମୁଦ୍ରଣ କିମ୍ବା ଅନ୍ୟ କୌଣସି ଗଣମାଧ୍ୟମରେ, ଛାତ୍ରଛାତ୍ରୀଙ୍କୁ କୌଣସି ପାଠ୍ୟକ୍ରମ ଅଧ୍ୟୟନ ନିମନ୍ତେ ନାମ ଲେଖାଇବା ପାଇଁ ଦିଆଯାଉଥିବା ପ୍ରତ୍ୟେକ ସାଧାରଣ ଘୋଷଣାନାମା ପ୍ରକାଶ୍ୟ ଭାବରେ ସୂଚନା ପ୍ରଦାନ କରିବ ଯେ ଅନୁଷ୍ଠାନରେ ରାଗିଂ ସଂପୂର୍ଣ୍ଣ ଭାବରେ ନିଷେଧ ଏବଂ ଯଦି କେହି ରାଗିଂରେ ଏବଂ/କିମ୍ବା ରାଗିଂକୁ ନେଇ ବାଜି ଲଗାଇବାରେ, ପ୍ରତ୍ୟକ୍ଷ ଭାବରେ କିମ୍ବା ପରୋକ୍ଷ ଭାବରେ, କିମ୍ବା ରାଗିଂକୁ ପ୍ରୋତ୍ସାହିତ କରିବା ପାଇଁ କୌଣସି ଷଡଯନ୍ତ୍ରର ଅଂଶ ଭାବରେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ତାଙ୍କୁ ଏହି ନିୟମ ସହିତ ସେହି ସମୟରେ ବଳବତ୍ତର ରହିଥିବା କୌଣସି ଦଣ୍ଡବିଧାନ ନିୟମର ବ୍ୟବସ୍ଥା ଅଧିନରେ ଦଣ୍ଡିତ କରାଯିବ।
- ଆଣ୍ଟି ରାଗିଂ ହେଲ୍ପ ଲାଇନର ଟେଲିଫୋନ୍ ନମ୍ବର ଏବଂ ଅନୁଷ୍ଠାନର ସମସ୍ତ ଗୁରୁତ୍ୱପୂର୍ଣ କାର୍ଯ୍ୟାଧିକାରୀଙ୍କର ନମ୍ବର ସହିତ, ଅନୁଷ୍ଠାନର ମୁଖ୍ୟ, ଶିକ୍ଷାଦାନ କରୁଥିବା ସଦସ୍ୟବୃନ୍ଦ, ଆଣ୍ଟି-ରାଗିଂ କମିଟି ଏବଂ ଆଣ୍ଟି- ରାଗିଂ ସ୍କ୍ୱାର୍ଡ, ଜିଲ୍ଲା ଏବଂ ସବ୍ଡିଭିଜନର କର୍ତ୍ତୃପକ୍ଷ, ହଷ୍ଟେଲର ୱାଡେନ, ଅନ୍ୟାନ୍ୟ କର୍ତ୍ତୃପକ୍ଷ କିମ୍ବା କାର୍ଯ୍ୟରତ କର୍ମଚାରୀଙ୍କର ଟେଲିଫୋନ୍ ନମ୍ବର ଦିଆଯିବ, ଯେଉଁଠାରେ ଯଥାର୍ଥ ମନେ ହେବ, ଅନୁଷ୍ଠାନ/ ଅନୁଷ୍ଠାନର ବ୍ରୋସର/ସୂଚନା ପୁସ୍ତିକା କିମ୍ବା ପ୍ରୋସପେକ୍ଟସରେ ପ୍ରକାଶ କରାଯିବ।
- ନାମ ଲେଖା, ପଞ୍ଜୀକରଣ କିମ୍ବା ଏନରୋଲମେଣ୍ଟ୍ ପାଇଁ ଆବେଦନ ଫର୍ମରେ ଛାତ୍ରଙ୍କ ଦ୍ୱାରା ଏକ ଆଣ୍ଟି ରାଗିଂ ଆଫିଡେବିଟ୍ ବା ରାଗିଂ ପ୍ରତିହତକାରୀ ସତ୍ୟାର୍ପଣରେ ନିର୍ଦ୍ଧାରିତ ଫର୍ମାଟରେ ଜଣେ ଛାତ୍ର/ଛାତ୍ରୀଙ୍କ ଦ୍ୱାରା ସ୍ୱାକ୍ଷର କରାଯିବ ଏବଂ ଆଉ ଏକ ଆଣ୍ଟି ରାଗିଂ ଆଫିଡେବିଟ୍ ବା ରାଗିଂ ପ୍ରତିହତକାରୀ ସତ୍ୟାର୍ପଣରେ ପିତାମାତା/ ଅଭିଭାବକଙ୍କ ଦ୍ୱାରା ସ୍ୱାକ୍ଷର କରାଯିବ (*ଉଭୟ ଆଫିଡେବିଟ୍ ୱେବରୁ ଡାଉନଲୋଡ୍ କରାଯାଇପାରିବ)*
- ଆଣ୍ଟି- ରାଗିଂ ହେଲ୍ପଲାଇନ ଦ୍ୱାରା ଗ୍ରହଣ କରାଯାଇଥିବା କୌଣସି ଦୁଃଖଦାୟକ ବାର୍ତ୍ତା ଅନୁଷ୍ଠାନର ମୁଖ୍ୟ, ହଷ୍ଟେଲ ୱାର୍ଡନେ, ଅନୁମୋଦନ ପ୍ରଦାନ କରିଥିବା ବିଶ୍ୱବିଦ୍ୟାଳୟର ନୋଡାଲ ଅଫିସରଙ୍କ ନିକଟକୁ, ଯଦି ଘଟଣାଟି ଏକ ବିଶ୍ୱବିଦ୍ୟାଳୟ ଅଧିନରେ ଅନୁମୋଦନ ଲାଭ କରିଥିବା ଅନୁଷ୍ଠାନରେ ଘଟେ, ଯଦି ଆବଶ୍ୟକ ହୁଏ ଉକ୍ତ ଜିଲ୍ଲାର କର୍ତ୍ତୃପକ୍ଷଙ୍କୁ, ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏବଂ ପୋଲିସି ଅଧିକ୍ଷକଙ୍କ ନିକଟକୁ ପଠାଇ

ଦିଆଯିବ ଏବଂ ଏହା ମଧ୍ଯ ୱେବରେ ସମର୍ଥ କରିଦିଆଯିବ,  ଯାହା ଫଳରେ ସାଧାରଣ ଡୋମେନରେ ମଧ୍ଯ ଗଣମାଧ୍ୟମ ଓ ନାଗରିକମାନେ ଏ ବିଷୟରେ ଜାଣିପାରିବେ।

- ଆଣ୍ଟି-ରାଗିଂ ସ୍କ୍ୱାର୍ଡ ବା ରାଗିଂ ପ୍ରତିହତକାରୀ ଦଳର ସୁପାରିଶ୍ ପାଇବା ପରେ କିମ୍ବା  ରାଗିଂ ଘଟଣା ବିଷୟରେ କୌଣସି ରିପୋର୍ଟ ସଂପର୍କିତ ସୂଚନା ପାଇବା ପରେ, ଅନୁଷ୍ଠାନର ମୁଖ୍ୟ ତୁରନ୍ତ ନିର୍ଦ୍ଧାରଣ କରିବେ ଯେ ଦଣ୍ଡବିଧି ନିୟମ ଅଧିନରେ ଗୋଟିଏ ମକଦ୍ଦମା କରାଯାଇଛି କି ନା ଏବଂ ଯଦି ଏପରି ହୋଇଥାଏ, ତାଙ୍କ ନିଜ ଦ୍ୱାରା କିମ୍ବା ତାଙ୍କ ତରଫରୁ ତାଙ୍କ ଦ୍ୱାରା ଅଧିକୃତ ଆଣ୍ଟି-ରାଗିଂ କମିଟିର ସଦସ୍ୟମାନଙ୍କ ମାଧ୍ୟମରେ, ଏକ ପ୍ରଥମ ସୂଚନା ରିପୋର୍ଟ (ଏଫଆଇଆର), ଏପରି ସୁପାରିଶ୍ କିମ୍ବା ସୂଚନା ପାଇବାର ୨୪ ଘଣ୍ଟା ମଧ୍ୟରେ ଫାଇଲ୍ କରିବେ।
- କମିଶନ ଆଫିଡେବିଟ୍, ପ୍ରତ୍ୟେକ ଛାତ୍ର ଏବଂ ତାଙ୍କର ଅଭିଭାବକଙ୍କ ଦ୍ୱାରା ସମ୍ମତ ହୋଇଥିବା ଦଲିଲକୁ ଆଧାର କରି ଏକ ଯଥାର୍ଥ ଡାଟାବେସ୍ ବଜାୟ ରଖିବେ ଏବଂ ଏହାକୁ ଅନୁଷ୍ଠାନ ଦ୍ୱାରା ବୈଦ୍ୟୁତିକ ମାଧ୍ୟମରେ ନିଜ ଦ୍ୱାରା କିମ୍ବା ଏହା ଦ୍ୱାରା ନିର୍ଦ୍ଧାରିତ ଏକ ଏଜେନ୍ସି ମାଧ୍ୟମରେ ଷ୍ଟୋର କରି ରଖିବେ: ଏବଂ ଏପରି ଡାଟାବେସ୍ ମଧ୍ଯ ଗ୍ରହଣ କରାଯାଇଥିବା ରାଗିଂ ଅଭିଯୋଗ ଏବଂ ଏ କ୍ଷେତ୍ରରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ସ୍ଥିତିର ରେକର୍ଡ ଭାବରେ କାର୍ଯ୍ୟ କରିବ।
- କମିଶନ ସାର୍ଟିଫିକେଟ୍ ବ୍ୟବହାର କ୍ଷେତ୍ରରେ କେତେକ ନିର୍ଦ୍ଦିଷ୍ଟ ସ୍ଥିତିକୁ ଅନ୍ତର୍ଭୁକ୍ତି କରିବେ, ଯେପରି କି କମିଶନର କୌଣସି ସ୍ୱତନ୍ତ୍ର କିମ୍ବା ସାଧାରଣ ଯୋଜନା ଅଧିନରେ କୌଣସି ଅନୁଷ୍ଠାନକୁ ଆର୍ଥିକ ସହାୟତା କିମ୍ବା ଗ୍ରାଣ୍ଟସ-ଇନ୍-ଏଡ୍ କ୍ଷେତ୍ରରେ ସେହି ଅନୁଷ୍ଠାନ ରାଗିଂ ପ୍ରତିହତକାରୀ ବ୍ୟବସ୍ଥା ସହିତ ସମନ୍ୱିତ ହୋଇଛି।
- କୌଣସି ଅନୁଷ୍ଠାନରେ ରାଗିଂ ପରି କୌଣସି ଘଟଣା ଏହାର ଆକ୍ରେଡିଟେସନ, ଏନଏସିସି କିମ୍ବା ଅନ୍ୟ କୌଣସି ଅଧିକୃତି ଆକ୍ରେଡିଟେସନ ଏଜେନ୍ସି ଦ୍ୱାରା ରାଙ୍କିଙ୍ଗ୍ କିମ୍ବା ଗ୍ରେଡିଂକୁ ଆକ୍ରେଡିଟେସନ, ରାଙ୍କିଙ୍ଗ୍ କିମ୍ବା ଗ୍ରେଡିଂ ଉଦ୍ଦେଶ୍ୟରେ ଯାଞ୍ଚ୍ କରିବା ସମୟରେ ପ୍ରତିକୂଳ ଭାବରେ ପ୍ରଭାବିତ କରିବ।
- କମିଶନ ଆର୍ଥିକ ଗ୍ରାଣ୍ଟ-ଇନ୍- ଏଡ୍ ନିୟମର 12B ଅଧିନରେ ମଞ୍ଜୁରୀ ଗ୍ରହଣ କରିବା ପାଇଁ ଯୋଗ୍ୟ ଅନୁଷ୍ଠାନଗୁଡିକୁ ଗୁରୁତ୍ୱଭିତ୍ତିରେ ମଞ୍ଜୁର କରିପାରନ୍ତି, ଯେଉଁ ଅନୁଷ୍ଠାନରେ ରାଗିଂର କୌଣସି ଘଟଣା ରିପୋର୍ଟ କରାଯାଇନଥାଏ ଏବଂ ଯାହାର ସ୍ୱଚ୍ଛ ରିପୋର୍ଟ ରହିଥାଏ।

5. **ରାଗିଂ ଘଟଣା କ୍ଷେତ୍ରରେ ପ୍ରାସାଶନିକ କାର୍ଯ୍ୟାନୁଷ୍ଠାନ:** ଏହି ଅନୁଷ୍ଠାନ କୌଣସି ଛାତ୍ର ରାଗିଂରେ ଦୋଷୀ ସାବ୍ୟସ୍ତ ହେଲେ ତାଙ୍କୁ ନିମ୍ନଲିଖିତ ପଦ୍ଧତିରେ ଏବଂ ଏଠାରେ ବର୍ଣିତ ଧାରା ଅନୁଯାୟୀ ଦଣ୍ଡବିଧାନ କରିବେ:

- ଆନୁଷ୍ଠାନର ଆଣ୍ଟି-ରାଗିଂ କମିଟି ଦଣ୍ଡବିଧାନ ଭାବରେ ଯଥାର୍ଥ ନିଷ୍ପତ୍ତି ଗ୍ରହଣ କରିବେ କିମ୍ବା ଅନ୍ୟଥା ପ୍ରତ୍ୟେକ ରାଗିଂ ଘଟଣାର ବିଷୟ ଏବଂ ପ୍ରକୃତି ଓ ରାଗିଂ ଘଟଣାର ଗମ୍ଭୀରତା ଅନୁଯାୟୀ ଯେପରି ଭାବରେ ଆଣ୍ଟି-ରାଗିଂ ସ୍କ୍ୱାର୍ଡ ଦ୍ୱାରା ସୁପାରିଶ୍ କରାଯାଇଥିବ ।
- ଆଣ୍ଟି-ରାଗିଂ କମିଟି, ଆଣ୍ଟି-ରାଗିଂ ସ୍କ୍ୱାର୍ଡ ଦ୍ୱାରା ସାବ୍ୟସ୍ତ କରାଯାଇଥିବା ଦୋଷର ଗମ୍ଭୀରତା ଏବଂ ପ୍ରକୃତି ଅନୁଯାୟୀ ଦୋଷୀମାନଙ୍କୁ ନିମ୍ନଲିଖିତ ଏକ ବା ଅଧିକ ଦଣ୍ଡରେ ଦଣ୍ଡିତ କରିପାରନ୍ତି, ସେଗୁଡିକ ହେଉଛି:

  a) ଶ୍ରେଣୀରେ ଯୋଗଦାନ କିମ୍ବା ଶିକ୍ଷା ଗ୍ରହଣ ସୁବିଧାରୁ ବହିଷ୍କାର କରିବା

  b) ବୃତ୍ତି ବା ସ୍କଲାରସିପ୍/ ଫେଲୋସିପ୍ ଏବଂ ଅନ୍ୟାନ୍ୟ ସୁବିଧା ରଦ୍ଦ କରିଦେବା/ ପ୍ରତ୍ୟାହାର କରିନେବା

  c) କୌଣସି ପରୀକ୍ଷା/ ଟେଷ୍ଟ୍ କିମ୍ବା ଅନ୍ୟାନ୍ୟ ମୂଲ୍ୟାୟନ ପ୍ରକ୍ରିୟାରୁ ପ୍ରତିବନ୍ଧିତ କରିବା

  d) ପରୀକ୍ଷାଫଳ ପ୍ରକାଶ ନ କରିବା ।

  e) କୌଣସି ଆଞ୍ଚଳିକ, ଜାତୀୟ କିମ୍ବା ଆନ୍ତର୍ଜାତୀୟ ବୈଠକ ଟୁର୍ଣ୍ଣାମେଣ୍ଟ୍ କିମ୍ବା ଯୁବ ଉତ୍ସବ ଇତ୍ୟାଦିରେ ଅନୁଷ୍ଠାନର ପ୍ରତିନିଧିତ୍ୱ କରିବାକୁ ନ ଦେବା ।

  f) ହଷ୍ଟେଲରୁ ବହିଷ୍କାର କରିବା/ ବଳପୂର୍ବକ ତଡିଦେବା।

  g) ନାମ ଲେଖା ବାଜ୍ୟାପ୍ତି କରିଦେବା ।

  h) ଏକରୁ ଚାରି ସେମିଷ୍ଟାର ପର୍ଯ୍ୟନ୍ତ ଅବଧି ଯାଏଁ ଅନୁଷ୍ଠାନରୁ ବହିଷ୍କାର କରିବା

  i) ଅନୁଷ୍ଠାନରୁ ତଡିଦେବା ଏବଂ ତାହା ସହିତ ନିର୍ଦ୍ଦିଷ୍ଟ ଅବଧି ପର୍ଯ୍ୟନ୍ତ ଅନ୍ୟ କୌଣସି ଅନୁଷ୍ଠାନରେ ନାମ ଲେଖାରୁ ପ୍ରତିବନ୍ଧିତ କରିବା।

- ଯଦି କୌଣସି କ୍ଷେତ୍ରରେ ରାଗିଂ ଘଟଣାରେ ଏହି ଘଟଣା ଘଟାଇଥିବା କିମ୍ବା ବାଜି ଲଗାଇଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରା ନ ଯାଇପାରିବା କ୍ଷେତ୍ରରେ, ଅନୁଷ୍ଠାନ ସାମଗ୍ରୀକ ଭାବରେ ଦଣ୍ଡବିଧାନ କରିବ।
- ଆଣ୍ଟି-ରାଗିଂ କମିଟି ଦ୍ୱାରା ଦଣ୍ଡବିଧାନ ନିର୍ଦ୍ଦେଶ ବିରୋଧରେ ଆବେଦନ କରାଯାଇପାରେ (i) କୌଣସି ଅନୁଷ୍ଠାନର ନିର୍ଦ୍ଦେଶ ଘଟଣାରେ, କୌଣସି ବିଶ୍ୱବିଦ୍ୟାଳୟର ଅନୁମୋଦନ ପ୍ରାପ୍ତ କିମ୍ବା ସାମ୍ବିଧାନିକ ଅଂଶ, ବିଶ୍ୱବିଦ୍ୟାଳୟର ଭାଇସ୍- ଚ୍ୟାନସେଲରଙ୍କୁ, (ii) ବିଶ୍ୱବିଦ୍ୟାଳୟରୁ ନିର୍ଦ୍ଦେଶ ଘଟଣାରେ, ଏହାର ଚ୍ୟାନସେଲରଙ୍କୁ। (iii) ପାର୍ଲାମେଣ୍ଟର ନିୟମାବଳି ଅଧିନରେ ଗଠିତ ଜାତୀୟ ସ୍ତରରେ ମହତ୍ୱପୂର୍ଣ ଅନୁଷ୍ଠାନ କ୍ଷେତ୍ରରେ, ଅନୁଷ୍ଠାନର ଚେୟାରମ୍ୟାନ୍ କିମ୍ବା ଚାନସେଲରଙ୍କୁ, ଘଟଣାଅନୁଯାୟୀ)
- ଜଣେ କର୍ତ୍ତୃପକ୍ଷଙ୍କୁ ନିଯୁକ୍ତି ଦେବା କ୍ଷେତ୍ରରେ, କୌଣସି ତ୍ରୁଟି କ୍ଷେତ୍ରରେ ଏହି ତ୍ରୁଟି ଘଟାଇଥିବା କୌଣସି ସଦସ୍ୟ କିମ୍ବା ଅନୁଷ୍ଠାନର କର୍ମଚାରୀଙ୍କୁ ଯେଉଁମାନେ ରାଗିଂ ଘଟଣା ପ୍ରତିହତ କରିବା ପାଇଁ ତୁରନ୍ତ

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କିମ୍ବା ରିପୋର୍ଟ କରିବାରେ, ରାଗିଂ ଅଭିଯୋଗ ପ୍ରତି ଉଦାସୀନ କିମ୍ବା ସମ୍ବେଦନହୀନ ମନୋବୃତ୍ତି ପ୍ରଦର୍ଶନ କରନ୍ତି, କିମ୍ବା କାଳୋଚିତ ପଦକ୍ଷେପ ନେବାରେ ଯେ କି ବିଫଳ ହୁଅନ୍ତି, ଏହି ନିୟମ ଅଧିନରେ ଆବଶ୍ୟକ ଥାଉ କିମ୍ବା ଅନ୍ୟଥା, ରାଗିଂ ଘଟଣା ବା ଘଟଣାଗୁଡିକ ପ୍ରତିହତ କରିବା ପାଇଁ, ତେବେ ଏପରି କର୍ତ୍ତୃପକ୍ଷ ଅନୁଷ୍ଠାନର ନିର୍ଦ୍ଧାରିତ ପଦ୍ଧତି ଅନୁଯାୟୀ ଏପରି ତ୍ରୁଟି କରିକଥିବା ସଦସ୍ୟ କିମ୍ବା କର୍ମଚାରୀଙ୍କ ବିରୋଧରେ ଆନୁଷ୍ଠାନିକ ଶୃଙ୍ଖଳାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ। ଯଦି ଏହି ତ୍ରୁଟି ଅନୁଷ୍ଠାନର ମୁଖ୍ୟଙ୍କ କାରଣରୁ ହୋଇଥାଏ, କର୍ତ୍ତୃପକ୍ଷ ଏପରି ମୁଖ୍ୟଙ୍କୁ ଆନୁଷ୍ଠାନିକ ଶୃଙ୍ଖଳାତ୍ମକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିଯୁକ୍ତ କରିବେ ଏବଂ ଏପରି କାର୍ଯ୍ୟାନୁଷ୍ଠାନରେ କୌଣସି ପକ୍ଷପାତିତା କରାଯିବ ନାହିଁ ଏବଂ  ରାଗିଂ ପ୍ରତିହତ କରିବାରେ କିମ୍ବା ରାଗିଂରେ ଦୋଷୀ ସାବ୍ୟସ୍ତ କୌଣସି ଛାତ୍ରଙ୍କୁ ଦଣ୍ଡ ଦେବାରେ କାଳୋଚିତ ପଦକ୍ଷେପ ଗ୍ରହଣରେ ବିଫଳତା ପାଇଁ ଦଣ୍ଡବିଧାନ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।